ବ୍ୟାସଙ୍କର ଗାନ୍ଧାରସେନ ସାକ୍ଷାତ
ଯେତେ କହିଂ ବ୍ୟାସେ ଗଲେ ଅନ୍ତର୍ଦ୍ଧାନେ
ପ୍ରବେଶ ହୋଇଲେ ଯାଇଂ ଗାନ୍ଧାରସେନ ଆସ୍ତାନେ । ୧ ।
ଗାନ୍ଧାରସେନ ବୋଲି ତହିଂର ନରପତି
ଯେକ ଉତ୍ତର ଶତେ ପୁତ୍ର ତାର ଯେକଇଂ ଦୁହିତି । ୨ ।
ଦୁହିତାର ନାମ ଯେ ଅଟଇ ଗାନ୍ଧାରୀ
ମନ୍ଦକ୍ଷଣେ ଜାତ ହୋଇଲା ବ୍ରହ୍ମ ଯେ ଅସୁରୀ । ୩ ।
ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଅମାବଇ ରାତି
କୃତ୍ତିକା ନକ୍ଷତ୍ରେଣ ସେ ହୋଇଲା ଉତପତ୍ତି । ୪ । horoscope
ନିତ୍ୟାନ୍ତ ଉଆଂସୀ, ଜାତି କୃତ୍ତିକା ବୃଷରାଶି ବ୍ରହ୍ମ ଯେ ଅସୁରୀ
ଯେହେର୍ନେକ ଲକ୍ଷଣେ ସେ ଜନ୍ମିଲା ଗାନ୍ଧାରୀ । ୫ ।
ଯାହାକୁ ବର ବରଇ ଗାନ୍ଧାରସେନ ରାୟେ
ମାଳା ଦେଇ ବରିଲେ ସେ ନୃପତି ଯାଇ କ୍ଷୟେ । ୬ ।
ଉତଙ୍ଗ ଦେଶର ସେ ଭାନୁବନ୍ତ ନୃପତି
ଗାନ୍ଧାରୀଙ୍କି ବରିଲା ସେ ମଲା ତତକ୍ଷଣାନ୍ତି । ୭ ।
ମହାରାଷ୍ଟ୍ର ଦେଶର ଯେ ନୃପତି ବିରୁପାକ୍ଷ
ଗାନ୍ଧାରୀଙ୍କି ବରିଲା ସେ ନଶିଲା ପ୍ରତକ୍ଷ । ୮ ।
ନିକଟ ରାଜାମାନେ କେହି ବିଭା ଯେ ନୋହିଲେ
ଦୂରେଣ ବାଇଶି ରାଜା ଗାନ୍ଧାରୀକି ବରି ମଲେ । ୯ ।
କେହି ପ୍ରଦାନ ନୋହିଲେ ଗାନ୍ଧାରୀକି
ବିକଳ ଗାନ୍ଧାରସେନ ଦୁହିତାକୁ ଦେଖି । ୧୦ ।
ବିଚାରଇ ଗାନ୍ଧାରସେନ ଦୁହିତା ରୂପ ଲଛି
ଯେହାର ସମାନେ ବର କାହିଂ ପାଇବଇଂ ଇଛି । ୧୧ ।
କୁମ୍ଭ ମାସ କୃଷ୍ଣପକ୍ଷ ପ୍ରତିପଦା ଦିନେ
ବ୍ୟାସ ପ୍ରବେଶ ହୋଇଲେ ଗାନ୍ଧାରସେନ ଭୁବନେ । ୧୨ । horoscope
ଦେଖିଣ ସାନନ୍ଦ ସେ ନୃପତି ଗାନ୍ଧାର
ଉଦକ ଢାଳଇ ନେଇଂ ବ୍ୟାସମୁନିଙ୍କ ପୟର । ୧୩ ।
ଆପଣେ ଗାନ୍ଧାରସେନ ପୟର ପଖାଳି
ବ୍ୟାସଙ୍କର ପାଦ ଉଦକ ନିବେଶିତ ଶିରେ ତୋଳି । ୧୪ ।
ନବ ନେତ ବସନ କୁଣ୍ଡଳ ରତ୍ନମାଳା ଦିଲା ମହାରାଜା
ଆସନ ପାଦାସନ ପାଦାର୍ଘ୍ୟେ କଲା ଦିବ୍ୟ ପୂଜା । ୧୫ ।
ସୁବର୍ଣ୍ଣ ସିଂଘାସନେ ନେଇ ବସାଇଲେ ବ୍ୟାସଙ୍କୁ
କିଙ୍କର ହୋଇ ପଚାରଇ ମୁନି ଅନୁଗ୍ରହ କର ମୁକୁ । ୧୬ ।
ଦେଖ ବଂଶ ମୋର ହୋଇଲା ମୋକ୍ଷଗତି
ପ୍ରତକ୍ଷେ ଦେବ ନାରାୟଣ ବେଦବ୍ୟାସ ମୋତେ ଦେବାକ ଗତି ମୁକତି । ୧୭ ।
ଯେ ତୋହୋର ପାଦରଜ ପଡିଲା ମୋହୋର ପୁରେ
ଅକାରଣେ କାରଣ ପାଇଲି ମୁନିବରେ । ୧୮ ।
ଅନେକ ବିନୋୟି ହୋଇ ସ୍ତୁତି କରଇ ଗାନ୍ଧାରସେନ ନରନାହା
ସଂସାରକୁ ଗତି ଦିଲୁ ଦେବ ଭାଷିଲୁ ସ୍ୱାମୀ ଯାହା । ୧୯ ।

--------

୮ ।୨ ନଶିଲା-ନଷ୍ଟହେଲା, ମଲା ।
୨୧ ଭୂତ ଭବିଷ୍ୟତ ବ୍ରତମାନ ତୁ ସମସ୍ତ ଗ୍ରନ୍ଥକାରୀ ।
ବ୍ରହ୍ମାଦି ଦେବତାୟେ ତୋହୋର ଶାସ୍ତ୍ର ଉକତ କରି । (ପା)
୨୧ ।୨ ଅଷ୍ଟାଙ୍ଗ ମନ୍ତ୍ରେ ଯେ ଈଶ୍ୱରଙ୍କୁ ବୋଧିଲୁ । (ପା)

୧୧ ।୧  ଲଛି-ଲକ୍ଷି
ମୁହିଁ ତୋହୋର ଦାସର ଦାସ ଅଟଇ ଜନ୍ମେ ଜନ୍ମେ
ସଂସାର ତାରିଲୁ ନାଥ ଅମୃତ ବଚନେ । ୨୦ ।
ଭୂତ ଭବିଷ୍ୟ ବ୍ରତମାନ ଗ୍ରନ୍ଥମାନ କଲୁ
ଅଣାକାର ମନ୍ତ୍ରେ ତୁ ଶୂନ୍ୟ ପୁରୁଷ ବୋଧିଲୁ । ୨୧ ।
ଅନାଦି ବିଷ୍ଣୁ ତୋତେ ଠାବ ଦିଅଇ ବକ୍ଷସ୍ଥଳେ
ନାରାୟଣ ରୂପ ତୁ ଦେଖୁ ମହାପ୍ରଳୟର କାଳେ । ୨୨ ।
ଅନେକ ସ୍ତୁତି କରି ସେ ଗାନ୍ଧାରସେନ ସ୍ୱାମୀ
ବ୍ୟାସଙ୍କର ପାଦତଳେ ଶତ ସହସ୍ର ଦଣ୍ଡ ପରଣାମି । ୨୩ । ସଂଖ୍ୟା number
ଶ୍ରୀସତ୍ୟବତୀ ନନ୍ଦନ ଚରଣ ମୋର ହୃଦେ
ଶୂଦ୍ରମୁନି ସାରୋଳ ଦାସ ନମେ ସଦାନନ୍ଦର ପଦ୍ମପାଦେ । ୨୪ ।
ଶୁଣ ବଇବସୁତ ମନୁ ବଦୟନ୍ତି ଅଗସ୍ତି
ବ୍ୟାସେ କଲ୍ୟାଣ କଲେ ଗାନ୍ଧାରସେନ ନୃପତି । ୨୫ ।
ବସ, ବସ ମହାରାଜା ତୋର ସିଦ୍ଧ ହୋଉ ମନବାଞ୍ଛା
ଅରିଷ୍ଟ ଶାନ୍ତି ହୋଉ ତୋହୋର କୁଟୁମ୍ବ କ୍ଷମେ ରକ୍ଷା । ୨୬ ।
ଆହୋ! କୁଶଳ ହୋଇଅଛନ୍ତି ନା ତୋହୋର ସୋଦରେ
ପାଟ ମହାଦେଈ ତୋର କ୍ଷମେ ଅଛନ୍ତି ନା ପୁରେ । ୨୭ ।
ପୁତ୍ର ସନ୍ତତି ତୋହୋର ବ୍ରତନ୍ତି ନା ସଦାଚାରେ ଭାଗ୍ୟେ
ନାତିଗଣମାନେ ତୋହୋର ବ୍ରତନ୍ତି ନା ଆରୋଗ୍ୟେ । ୨୮ ।
ଦେବତା ବ୍ରାହ୍ମଣେ ହୋଉଅଛୁଂ ନା ଭଗତି
ହବିକି ଆହୁତି ଦେଉଛୁଂ ତ ନିତିପ୍ରତି । ୨୯ ।
ଦୁଖୀ ଦରିଦ୍ରଙ୍କୁ ଅନ୍ନ ତୁ ଦେଉ ନା ନୃପତି । ୩୦ ।
ଶୂନ୍ୟ ପୁରୁଷମାନେ କରୁ ଅଛନ୍ତି ନା ବୃଷ୍ଟି
ସୁବିଧାନେ ଫଳଦାୟକ ହୋଉଛି ନା ସୃଷ୍ଟି । ୩୧ ।
ସଂସାର ପାଳନ କରୁଅଛୁ କି ନା ରାଜା
କୁଶଳେ ବ୍ରତନ୍ତି ନା ତୋହୋର ଜନପ୍ରଜା । ୩୨ ।
ପ୍ରଜାନ୍ତ ପାଳିଣ ରାଜା ନ କରୁ ନା ଅବିଧି
ଦଇତ ଦାନବ ମାନନ୍ତ ରାଜା କରୁଅଛୁ ନା ସାଧି । ୩୩ ।
ତୀର୍ଥେଣ ଉପଦର୍ପ ନାହିଁ ନା କଉଣୋପ
ତପିଜନ ରକ୍ଷା କରୁଅଛୁ କି ନା ସର୍ବ । ୩୪ ।
---------
୨୪ ।୧  ସତ୍ୟବତୀ ନନ୍ଦନଙ୍କୁ ତଳୟେ ମୋହୋର ହୃଦେ । (ପା)
୨୭ ।୨  ପାଟ ବଂଶୀ କ୍ଷମେ ବ୍ରତଇ ନା ପୁତ୍ର ପୌତ୍ର ପରିବାରେ । (ପା
୩୧  ମେଘମାନେ ସମସ୍ତେ କରନ୍ତି ନା ବୃଷ୍ଟି ।
ସାବଧାନେ ଫଳ ଦେଉଛି ନା ସୃଷ୍ଟି । (ପା)
୩୩ ।୧  ପ୍ରଜା ପାଳନ ରାଜ୍ୟେ କରୁ ନା ଯଥାବିଧି । (ପା)

ସର୍ବ ସୁବିଧାନେ ହୋଉଅଛି ନା ରାଜ୍ୟ
ସଂସାର ଶୁଭଧ୍ୱନି ରାଜାକୁ ସର୍ବକାର୍ଯ୍ୟ । ୩୫ ।
ଆହେ ସମସ୍ତ ସୁବିଧାନ ମୋହୋର ଶୁଣିମା ମହାମୁନ୍ୟେ
କଥାୟେ କହିବି ଶୁଣିମା ହୋଉ ସାବଧାନେ । ୩୬ ।
ସ୍ୱାମୀ ଦୁହିତା ଗୋଟିୟେ ଅଛଇ ନାମ ତା ଗାନ୍ଧାରୀ
କୃତ୍ତିକା ବୃଷରାଶି ଜାତିରେ ବ୍ରହ୍ମ ଅସୁରୀ । ୩୭ ।
ଯେତେକ ନୃପତି ମୁଁ ବରିଲି ବିଦ୍ୟମାନେ

ବାଇଶି ରାଜା ମଲେ ବରଣ ବିଧାନେ । ୩୮ ।
ଦୁହିତାକୁ ପ୍ରଦାନ ନୋହିଲେ କେହି ତରେ
ଯୁବା ଯୁବତୀ ସେ ଅଛି ମୋହୋର ଘରେ । ୩୯ ।
ଦୁହିତା ଯେବେ ପିତା ଘରେ ଅବିଭାଇତ ରଜବତୀ superstition
ତାହାର ଶୋଣିତେ ପିତୃ ଲୋକେ ସ୍ନାହାନ କରନ୍ତି । ୪୦ ।
ଯେସନେକ ଦୋଷ ପୁରାଣେଣ ମୁଇଂ ଶୁଣି
ବିଧୁର ଆତ୍ମା କରି ଥାଇ ଶରୀର କଳଙ୍କ ଜାଣି । ୪୧ ।
ମୋତେ ପ୍ରତିକାର କରିବା ପାରେଶ୍ୱର ତନୟେ
ଗାନ୍ଧାରୀକି ମୋର କରିବା କେବଣ ଉପାୟେ । ୪୨ ।
ବ୍ୟାସେ ବୋଇଲେ ରାଜା ହୋଅଇ ଯେମନ୍ତ
ସତାଇଶି ନକ୍ଷତ୍ରେ ସମସ୍ତ ହୋନ୍ତି ଜାତ । ୪୩ ।
ଅଶ୍ୱିନୀ ମଘା ମୂଳାର ଆଦ୍ୟ ତିନିଦଣ୍ଡ
ଦୋଷ ଲାଗିବାରୁ ତାର ନାମ ଜାଣ ଗଣ୍ଡ । ୪୪ । horoscope fault
ଜ୍ୟେଷ୍ଠା ଅଶ୍ଳେଷା ରେବତୀ ଶେଷ ପାଞ୍ଚଦଣ୍ଡେ
ଗଣ୍ଡଦୋଷ ଲାଗେ ଲେଖାଅଛି ଶାସ୍ତ୍ର ଖଣ୍ଡେ । ୪୫ ।

-----------

୩୫ ।୨ ସଂସାର ଶୁଭଧ୍ୱନି ରାଜାକୁ ଶୁଭକାର୍ଯ୍ୟ । (ପା)
୪୦ ।୨ ତାର ଶ୍ରୋଣିତ ପିତୃ ଲୋକେ ପିବନ୍ତି । (ପା)
୪୧ ।୨ ବିଅର୍ଥ ଶରୀର ଥାଇଂ କଳଙ୍କ ଲାଗିଣ ଜାଣି । (ପା)
୪୨ ।୨ ଗାନ୍ଧାରୀକି ମୋର କରିବା ବରଣ ଉପାୟେ । (ପା)
୪୫ ପାଦ "ଜ୍ୟେଷ୍ଠା ଅଶ୍ଳେଷା ରେବତୀ ଶେଷ ପାଞ୍ଚଦଣ୍ଡେ" ଠାରୁ ୫୭ ପାଦାନ୍ତ "ବ୍ୟାସେ କହିଲେ ଗାନ୍ଧାରସେନର ଅଗ୍ରତେ ।" ମଧ୍ୟରେ କେତେକ ପୋଥିରେ ପାଠାନ୍ତର ।
ଜ୍ୟେଷ୍ଠା ଆଠଦଣ୍ଡ ଅଶ୍ଳେଷା ଦଣ୍ଡସାତ
ରେବତୀ ପାଞ୍ଚଦଣ୍ଡ ଗଣ୍ଡ ନିରିଜିତ । ୪୫
୪୦ ।୧ ଅବିଭାଇତ-ଅବିବାହିତ ।

ଅଶ୍ୱିନୀ ତ୍ରିଦଣ୍ଡ ଯେବେ ପଡଇ ଦିବସ
ପୁତ୍ର କନ୍ୟା ଉପୁଜିଲେ ଯେହି ଗଣ୍ଡ ଦୋଷ । ୪୬ ।superstition
ପିତାକୁ ଯେ ଗଣ୍ଡଦୋଷ ବରଷେ ଲାଗଇ
ଯେହି ଯୋଗେ ଯେବେ ଜାତ ରାତ୍ରରେ ହୁଅଇ । ୪୭ ।
ମାତାକୁ ଷୋଳ ବରଷ ଲାଗେ ଗଣ୍ଡ ଦୋଷ
ଆବର କହୁଛୁ ଶୁଣ ଗାନ୍ଧାର ନରେଶ । ୪୮ ।
ଉଭୟ ସନ୍ଧ୍ୟାରେ ଯେବେ ହୁଅଇ ସନ୍ତତି
ସେହି ପୁତ୍ର ନାଶଯାଇ ଜାଣ ତତକ୍ଷଣାନ୍ତି । ୪୯ ।
ମଘା ନକ୍ଷତ୍ରରେ ଗଣ୍ଡ ଆଦି ତିନିଦଣ୍ଡ
ଯେଥି ଜନ୍ମ ହେଲେ ପାଞ୍ଚବର୍ଷ ପାଇ ଗଣ୍ଡ । ୫୦ ।
ମୂଳା ନକ୍ଷତ୍ରର ଆଦ୍ୟ ତିନିଦଣ୍ଡେ ପାଇ
ଚାରିବର୍ଷ ଗଣ୍ଡ ଯେବେ ପୁତ୍ର ଉପୁଜଇ । ୫୧ ।
ଜ୍ୟେଷ୍ଠା ନକ୍ଷତ୍ରର ଜାଣ ଅନ୍ତ ପାଞ୍ଚଦଣ୍ଡ
ଯେଥି ଜନ୍ମ ହେଲେ ବେନି ବର୍ଷ ପାଇ ଗଣ୍ଡ । ୫୨ ।
ଅଶ୍ଳେଷା ରେବତୀର ଯେ ଅନ୍ତ ପାଞ୍ଚଦଣ୍ଡ
ଯେଥି ଜନ୍ମ ହେଲେ ପାଞ୍ଚବର୍ଷ ପାଇ ଗଣ୍ଡ । ୫୩ ।

-----------

ଅଶ୍ୱିନୀ ତିନି ଦଣ୍ଡରେ ଯେବେ ପୁତ୍ର ଦୋହିତି ଜାତ ହୋଇ

ଦିବସେ ଉତପତ୍ତି ହୋଇଲେ ପିତାକୁ ଷୋଳ ବରଷକୁ ଗଣ୍ଡ ପାଇ । ୪୬ ।
ଯେହି ଯୋଗେଣ ଯେବେ ରାତ୍ରେ ହୁଅଇ ଜାତ
ମାତାକୁ ଷୋଳ ବରଷକୁ ଗଣ୍ଡ ଲାଗଇ ନିରିତାନ୍ତ । ୪୭ ।
ଉଭୟେ ସନ୍ଧ୍ୟାୟେ ଯେବେ ଉପୁଜଇ ସନ୍ତତି
ସେ ପୁତ୍ର ନାଶ ଯେ ଯାଇ ତତ୍କ୍ଷଣାନ୍ତି । ୪୮ ।
ମଘା ନକ୍ଷତ୍ର ଯେ ଆଦି ଚାରି ଦଣ୍ଡ
ଯେଥେ ଜନ୍ମ ହୋଇଲେ ଆଠ ବରଷେ ପାଇ ଗଣ୍ଡ । ୪୯ ।
ମୂଳା ନକ୍ଷତ୍ରେ ଯେବେ ଚାରି ଦଣ୍ଡ ଥାଇ
ଚାରି ବରଷକୁ ଗଣ୍ଡ ଯେଥେ ଯେ ଜନ୍ମ ପାଇ । ୫୦ ।
ଜ୍ୟେଷ୍ଠା ନକ୍ଷତ୍ର ଯେ ପ୍ରଥମ ଆଠଦଣ୍ଡ
ଯେଥେ ଜନମ ହୋଇଲେ ବେନି ବରଷକୁ ପାଇ ଗଣ୍ଡ । ୫୧ ।
ଅଶ୍ଳେଷା ନକ୍ଷତ୍ର ସାତ ଦଣ୍ଡର ମଧ୍ୟେ
ଦ୍ୱାଦଶ ବରଷକୁ ଗଣ୍ଡ ପାଇ ସାଧ୍ୟେ । ୫୨ ।

ଯେତେ ଯୋଗେ ଦିବସରେ ଜନମ ଲଭିଲେ
ପିତାଙ୍କୁ ଗଣ୍ଡ ଲାଗଇ ପୁତ୍ର କନ୍ୟା ହେଲେ । ୫୪ ।
ରାତ୍ରକାଳେ ଉପୁଜଇ ଯଦ୍ୟପି ସନ୍ତତି
ମାତାଙ୍କୁ ଗଣ୍ଡ ଲାଗିବ ବୋଲନ୍ତି ଅଗସ୍ତି । ୫୫ ।
ଉଭୟ ସନ୍ଧ୍ୟାରେ ଯେବେ ଉପୁଜଇ ବାଳ
ତାହାର ଉପରେ ପରାଭବ କରେ କାଳ । ୫୬ ।
ଗଣ୍ଡଦୋଷ ଲାଗଇ ଯେ ଯେତେକ ନକ୍ଷତ୍ରେ
ବ୍ୟାସେ କହିଲେ ଗାନ୍ଧାରସେନର ଅଗ୍ରତେ । ୫୭ ।
ଦେବ ଅସୁର ମାନବ କୁଳେ ଜାତ
ଯେହାଙ୍କର ପ୍ରକୃତି ବାରିବା କେମନ୍ତ । ୫୮ ।
ଅଶ୍ୱୀ ମୃଗଶିରା ପୁଷ୍ୟା ହସ୍ତା ରେବତୀରେ ପୁତ୍ର କନ୍ୟା ଉତପତ୍ତି
ଶ୍ରବଣା ପୁନର୍ବସୁ ଅନୁରାଧା ସ୍ୱାତି ଘେନି ଦେବ ଅଂଶ ହୋନ୍ତି । ୫୯ ।
ଦ୍ୱିଜା ଆରଦ୍ରା ରୋହିଣୀ ଉତ୍ତର ଭୋଦୁଅ
ପୂର୍ବା ଫାଲଗୁନୀ ଉତ୍ତରପୂର୍ବାଷାଢ଼ା ଦ୍ୱୟ । ୬୦ ।
ପୂର୍ବଭାଦ୍ରବ ଉତ୍ତରା ଫାଲଗୁନୀ ଯେ ଦୁଇ ନକ୍ଷତ୍ରେ ଉତପତ୍ତି
ସ୍ତିରି ହୋଉ ପୁରୁଷ ହୋଉ ମନୁଷ୍ୟ ଅଟଇ ଜାତି । ୬୧ ।
କୃତିକା ମଘା ବିଶାକା ଜ୍ୟେଷ୍ଠା ଶତଭିଷ
ଅଶ୍ଳେଷା ଧନିଷ୍ଠା ଚିତ୍ରା ମୂଳା ଯେ ହୁଅନ୍ତି ରାକ୍ଷସ । ୬୨ ।
----------
ରେବତୀ ନକ୍ଷତ୍ରର ଦୋଷ ପାଞ୍ଚଦଣ୍ଡ
ଯେଥେ ଜନମ ହୋଇଲେ ବରଷେ ପାଇ ଗଣ୍ଡ । ୫୩ ।
ଯେତେ ଯୋଗେ ଦିବସେ ଜନମ ଲଭିଲେ
ପିତାଙ୍କର ଗଣ୍ଡ ଦୋଷ ପୁତ୍ର ଦୋହିତା ଉପୁଜିଲେ । ୫୪ ।
ରାତ୍ରକାଳେ ଯେବେ ଉପୁଜଇ ସନ୍ତତି
ମାତାଙ୍କର ଗଣ୍ଡଦୋଷ ଲାଗଇ ବୋଇଲେ ଅଗସ୍ତି । ୫୫ ।
ଉଭୟେ ସନ୍ଧ୍ୟାୟେ ଯେବେ ଉପୁଜଇ ବାଳ
ତାହାର ଉପରେ ଭୋଗ ହୁଅଇ କାଳ । ୫୬ ।
ଗଣ୍ଡଦୋଷ ଲାଗଇ ଯେ ଯେତେକ ନକ୍ଷତ୍ରେ
ବ୍ୟାସେ କହିଲେ ଗାନ୍ଧାରସେନର ଅଗ୍ରତେ । ୫୭ ।
କୃତ୍ତିକା ନକ୍ଷତ୍ରେ ଉପୁଜିଲା ଗାନ୍ଧାରୀ
ଆବର ଉଆଂସୀ ହୋଇଲା ଜାତିରେ ବ୍ରହ୍ମ ଯେ ଅସୁରୀ । ୬୩ ।

ଆହୋ ଚନ୍ଦ୍ର ନଷ୍ଟ ହୋଅଇ ସେ ଅମାବଇ ଦିନ
ଅତି ଦୋଷେ ସ୍ତିରୀ ହୋଅନ୍ତି ଉତପନ୍ନ । ୬୪ ।
ସେ ଉଆଂସୀ କନ୍ୟାକୁ ବିଭା ହୋଅଇ ଯେବଣ ପୁରୁଷ
ତାହାର ଦେହ ଲାଗନ୍ତେ ଯଶ ଶ୍ରୀ ଆୟୁଷ ହୁଅଇ ନାଶ । ୬୫ ।
ୟେସନେକ ସନ୍ଦେଶ ଯହୁଂ ବ୍ୟାସେ କଲେ ପୁଚ୍ଛା
ଶୁଣିଣ ଗାନ୍ଧାରସେନ ନୃପତି ପଡିଲାକ ମୂର୍ଚ୍ଛା । ୬୬ ।
କୋଳେ ଧଇଲା ତୋଳି ତାର ବିଜୟସେନ ମନ୍ତ୍ରୀ
ସାଷ୍ଟମ କରାଇଲେ ଯେ ପଣ୍ଡିତ ଭିଗଂ୍ୟ ଯତି । ୬୭ ।
ବ୍ୟାସେ ବୋଇଲେ ବାବୁ ଶୁଣ ରାଜା ଗାନ୍ଧାର
ଆମ୍ଭର ବୁଦ୍ଧିୟେ ଅଛି କରିବା ପ୍ରତିକାର । ୬୮-୧୨୭୭ ।

---------

୫୮ ।୨ ୟେହାଙ୍କର ପ୍ରକୃତି ଜାଣିବା କେମନ୍ତେ ।
୬୫ ସେହି କନ୍ୟାକୁ ବିଭା ହୁଅନ୍ତି ଯେବଣ ଜନ ।
ତାହାର ଦେହ ଲାଗନ୍ତେ ଲକ୍ଷ୍ମୀ ଆଷ୍ୟ ହୋୟେ କ୍ଷୀଣ । ।

***************